# ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ,ଫୁଲବାଣୀ ।

ବିଜ୍ଞାପନ ସଂଖ୍ୟା......୪୮୦....../ତା....୧୩-୭-୨୦୨୨...

ଏତଦ୍ୱାରା ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ, ଫୁଲବାଣୀ ଅନ୍ତର୍ଗତ ନିମ୍ନଲିଖିତ ଅଙ୍ଗନୱାଡି କେନ୍ଦ୍ରରେ ଖାଲିପଡିଥିବା ଅଙ୍ଗନୱାଡି କର୍ମୀ ପଦବୀ ପୂରଣପାଇଁ ସମ୍ପୃକ୍ତ ଅଞ୍ଚଳର ମହିଳା (Female) ପ୍ରାର୍ଥିନୀ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଣୁ ଇଚ୍ଛୁକ ମହିଳା (Female) ପ୍ରାର୍ଥିନୀ ମାନେ ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ ନିର୍ଦ୍ଧାରିତ online ଫର୍ମରେ ଆସନ୍ତା ତା. ୧୪-୦୭-୨୦୨୨ ରିଖ ଠାରୁ ତା. ୨୮-୦୭-୨୦୨ ରିଖ ଅପରାହ୍ନ ଘ. ୫.୦୦ ଟିକା ମଧ୍ୟରେ (online http://engagement-awc.odisha.gov.in) ମାଧ୍ୟମରେ (public login) କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଆବେଦନ କରିପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

| କ୍ର. ନଂ | ଗ୍ରାମପଞ୍ଚାୟତ ନାମ | ଅଙ୍ଗନୱାଡି କେନ୍ଦ୍ରର ନାମ | ସମ୍ପୃକ୍ତ ଅଞ୍ଚଳ | ସଂରକ୍ଷିତ ପ୍ରାର୍ଥୀ |
|---|---|---|---|---|
| ୧. | ଦୁଡୁକି | ଅରାପାଜୁ | ଅରାପାଜୁ, ପଣସପଦର, ପଦର ସାହି | ଆଦିବାସୀ/ହରିଜନ (ST/SC) |

<u>ଯୋଗ୍ୟତା :</u>

୧. ପ୍ରାର୍ଥିନୀ ଆବେଦନ କରୁଥିବା କେନ୍ଦ୍ରାଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୨. ପ୍ରାର୍ଥିନୀଙ୍କ ବୟସ ତା. ୦୧.୦୧.୨୦୨୨ ରିଖ ସୁଧା ୧୮ ବର୍ଷରୁ କମ୍ କିମ୍ବା ୪୨ ବର୍ଷରୁ ଉର୍ଦ୍ଧ ହୋଇନଥିବେ ।

୩. ପ୍ରାର୍ଥିନୀ ମାଟ୍ରିକ ପାସ୍ ହୋଇଥିବା ଆବଶ୍ୟକ । ଯଦି ଉପରୋକ୍ତ କେନ୍ଦ୍ରାଞ୍ଚଳର ଉପଯୁକ୍ତ ମାଟ୍ରିକ ପାସ୍ ଆଦିବାସୀ ପ୍ରାର୍ଥିନୀ ନ ମିଳନ୍ତି ତେବେ ଅନୁନ୍ୟ ମାଟ୍ରିକ ପାସ୍ କରିଥିବା ହରିଜନ ପ୍ରାର୍ଥିନୀଙ୍କୁ ବିଚାରକୁ ନିଆଯିବ ।

୪. ଯଦି ମାଟ୍ରିକ ପାସ୍ ପ୍ରାର୍ଥିନୀ (ଆଦିବାସୀ/ହରିଜନ) ନ ମିଳନ୍ତି, ତେବେ କୌଣସି ସ୍ୱିକୃତୀପ୍ରାପ୍ତ ଉଚ୍ଚ ବିଦ୍ୟାଳୟରୁ ଅନ୍ୟୂନ ଅଷ୍ଟମ ପାସ୍ (ତଫସିଲ ଭୁକ୍ତ ଜନଜାତି) କରିଥିବା ପ୍ରାର୍ଥିନୀଙ୍କୁ ବିଚାରକୁ ନିଆଯିବ ।

୫. ପ୍ରାର୍ଥିନୀ ଓଡିଆ ମାତୃଭାଷା ରେ ଅନ୍ୟୂନ ଅଷ୍ଟମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ ।

<u>ଆବଶ୍ୟକ ପ୍ରମାଣ ପତ୍ର :</u>

୧. ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ରର ସହି ନକଲ । (ସମ୍ପୃକ୍ତ ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ)

୨. ଜାତିଗତ ପ୍ରମାଣ ପତ୍ରର ସହି ନକଲ । (ସମ୍ପୃକ୍ତ ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ)

୩. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ଓ ମାର୍କସିଟ୍ ଅବିକଳ ନକଲ ।

୪. ବିଧବା ପ୍ରାର୍ଥିନୀଙ୍କର କ୍ଷେତ୍ରରେ ସ୍ୱାମୀଙ୍କର ମୃତ୍ୟୁ ପ୍ରମାଣପତ୍ରର ସହି ନକଲ ।

୫. ନିର୍ଯ୍ୟାତିତା ଅନାଥଙ୍କ କ୍ଷେତ୍ରରେ ପଞ୍ଜୀକରଣ ସଂସ୍ଥା ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ରର ଅବିକଳ ନକଲ ।

୬. ଭିନ୍ନକ୍ଷମ ପ୍ରାର୍ଥିନୀଙ୍କର କ୍ଷେତ୍ରରେ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ଭିନ୍ନକ୍ଷମ ପ୍ରମାଣପତ୍ର ସହି ନକଲ ।

୭. ପରିଚୟ ପ୍ରମାଣପତ୍ର (Voter ID /Aadhar Card )ର ସହି ନକଲ ।

୮. ବର୍ତ୍ତମାନର ରଙ୍ଗୀନ ପାସ୍ ଫୋଟ ସାଇଜ ଫୋଟ କପି (ଆବେଦନ ପତ୍ର ସହ ସଂଲଗ୍ନ କରିବେ) ।

୯. ଦରଖାସ୍ତ ଫର୍ମ ଏବଂ ନିଜସ୍ୱ ଘୋଷଣାନାମା ଅନଲାଇନ୍(online) ମାଧ୍ୟମରେ ଦାଖଲ କରିବେ ।

ପ୍ରାର୍ଥିନୀ ଦରଖାସ୍ତ ସହ ଦାଖଲ କରୁଥିବା ସମସ୍ତପ୍ରମାଣ ପତ୍ରର ସହି ନକଲ ଗୁଡିକୁ ନିଜେ (ଆଟେଷ୍ଟେଡ୍) କରି (upload) କରିବେ ଏବଂ (online "**http://engagement-awc.odisha.gov.in**) ରେ ନିର୍ଦ୍ଧାରିତ ତାରିଖ ଏବଂ ସମୟ ମଧ୍ୟରେ ନିମ୍ନସ୍ୱାକ୍ଷର କାରୀଙ୍କୁ ଦାଖଲ କରିବେ ଓ ଏହାର ମୂଳ ପ୍ରମାଣପତ୍ର ଗୁଡିକ ଯାଞ୍ଚପାଇଁ ତା. ୨୮-୭-୨୦୨୨ ରିଖ ଦିନ ଘ. ୧୧.୦୦ ଟିକା ସମୟରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଫୁଲବାଣୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ । ଯଦି ପ୍ରାର୍ଥିନୀ ଆବେଦନ ପତ୍ର ସହ ଆବଶ୍ୟକ ହେଉଥିବା ସମସ୍ତ ପ୍ରମାଣ ପତ୍ର online ରେ ଦାଖଲ କରିନଥିବେ, ତେବେ ତାଙ୍କ ଦରଖାସ୍ତ ଟି ଅସଂପୂର୍ଣ୍ଣ ବିବେଚନା କରି ନାକଚ(ରିଜେକ୍ଟ) କରାଯିବ ।

<u>ଚୟନ ପ୍ରକ୍ରିୟା</u>

ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଭୁବନେଶ୍ୱରଙ୍କ ଦ୍ୱାରା ଜାରି କରାଯାଇଥିବା ଅଙ୍ଗନୱାଡି ଚୟନ ନିର୍ଦ୍ଦେଶାବଳୀ ସଂଖ୍ୟା.୧୪୫/ତା.୦୨.୦୫.୨୦୦୭, ୨୧୦୨୨ ତା.୦୭-୦୯-୨୦୦୭,୧୪୪୬୩ ତା.୨୧-୦୮-୨୦୦୯,୮୨ ତା. ୦୪-୦୧-୨୦୧୦ ଏବଂ ୫୪୪୧ ତା.୧୦-୦୩-୨୦୧୦ ପ୍ରକାରେ ଚୟନ କରାଯିବ ।

(ବି. ଦ୍ର) : ୧ ) ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶା ସରକାର ଭୁବନେଶ୍ୱରଙ୍କ ଦ୍ୱାରା ନୂତନ ନିୟମ ଚୟନ ପୂର୍ବରୁ କାର୍ଯ୍ୟାଳୟରେ ହସ୍ତ ଗତ ହେଲେ ଉପଯୁକ୍ତ କର୍ମୀ ଚୟନ ପାଇଁ ତାହା ମଧ୍ୟ ବ୍ୟବହାର କରାଯିବ ।

(୨) ମୂଳ ପ୍ରମାଣ ପତ୍ର ଯାଞ୍ଚ ଦିବସରେ ଯଦି କୌଣସି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଅଚାନକ ଅନ୍ୟ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ପ୍ରାପ୍ତ ହୁଏ ତେବେ ନିର୍ଦ୍ଧାରିତ ତାରିଖ ଓ ସମୟ ପରିବର୍ତ୍ତନ କରାଯାଇପାରେ ।

ସୁବର୍ଣ୍ଣମାଳା ନାୟକ
୧୩/୭/୨୨

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ଫୁଲବାଣୀ, କନ୍ଧମାଳ ।

ପରିପତ୍ର ସଂଖ୍ୟା. ୫୮୧....../ ତାରିଖ ୧୩-୬-୨୦୨୨

ଏହାର ଏକକିତା ନକଲ ମଣ୍ଡଳ ପରିଦର୍ଶୀକା, ଦୁବଗଡ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଓ ନିର୍ଦ୍ଦେଶ ଦିଆଗଲା କି ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରର ବିଜ୍ଞାପନ ଫଳକରେ ପ୍ରଚାର ପାଇଁ ଲଗାଇବେ ।

ଏହାର ଏକକିତା ନକଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକ /ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ/ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଗୁମାଗଡ଼ଙ୍କ ବିହିତ ଅବଗତି ତଥା ସର୍ବ ସଧାରଣଙ୍କ ବହୁଳ ପ୍ରସାର ନିମନ୍ତେ ବିଜ୍ଞାପନ ଫଳକରେ ଲଗାଇବା ପାଇଁ ଅନୁରୋଧ କରାଗଲା ।

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ଫୁଲବାଣୀ, କନ୍ଧମାଳ ।

ପରିପତ୍ର ସଂଖ୍ୟା. ୫୮୨....../ ତାରିଖ ୧୩-୬-୨୦୨୨

ଏହାର ଏକାକିତା ନକଲ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ବିହିତ ଅବଗତି ଓ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ଫୁଲବାଣୀ, କନ୍ଧମାଳ ।

ପରିପତ୍ର ସଂଖ୍ୟା. ୫୮୩....../ ତାରିଖ ୧୩-୬-୨୦୨୨

ଏହାର ଏକକିତା ନକଲ ଉପ–ଜିଲ୍ଲାପାଳ, ଫୁଲବାଣୀ/ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କନ୍ଧମାଳ,ଫୁଲବାଣୀଙ୍କ ସଦୟ ଅବଗତି ନିମନ୍ତେ ଦାଖଲ କରାଗଲା ।

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ଫୁଲବାଣୀ, କନ୍ଧମାଳ ।